Phone: 9937130262

e-mail: nackhrd@rediffmail.com

# ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼

ସଂଖ୍ୟା - ୪୭୮ /

ତାରିଖ : ୨୨.୦୩.୨୦୨୩ /

## ଟେଣ୍ଡର ନୋଟିସ

ଏତଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼ ଅନ୍ତର୍ଗତ ୱାର୍ଡ ନଂ. ୩, ୪, ୯, ୧୪ ଓ ୧୫ ସ୍ଥିତ ନିମ୍ନରେ ଦର୍ଶାଯାଇଥିବା ଦୋକାନ ଗୃହଗୁଡ଼ିକ ଲାଇସେନ୍ସ ସୂତ୍ରରେ ଆବଣ୍ଟନ କରିବା ପାଇଁ ସର୍ବସାଧାରଣଙ୍କ ଠାରୁ ସର୍ବୋଚ୍ଚ ଅମାନତ ଜମା (Security Deposit) ଗ୍ରହଣ ନିମନ୍ତେ ବନ୍ଦ ଲଫାପାରେ ଟେଣ୍ଡର (ଡାକ ମୂଲ୍ୟ) ଆହ୍ୱାନ କରୁଅଛି । ଦୋକାନ ଗୃହର ଅବସ୍ଥିତ, ମାପ ଓ ମୂଳ ଅମାନତ ଜମା ରାଶି ମୂଲ୍ୟ (Upset Price) ନିମ୍ନରେ ଉଲ୍ଲେଖ କରାଗଲା । ନିଲାମ ସମ୍ବନ୍ଧୀୟ ବିବରଣୀ ତଳଲିଖିତ ସାରଣୀରେ ଦିଆଗଲା । ନିଲାମରେ ଭାଗ ନେବାକୁ ଇଚ୍ଛୁକ ବ୍ୟକ୍ତି ପରିଷଦ କାର୍ଯ୍ୟାଳୟର କାର୍ଯ୍ୟ ଦିବସମାନଙ୍କରେ ଟେଣ୍ଡର ସମ୍ବନ୍ଧୀୟ ଅନ୍ୟାନ୍ୟ ସର୍ତ୍ତାବଳୀ ପରିଷଦ କାର୍ଯ୍ୟାଳୟ ତା ୨୨.୦୩.୨୦୨୩ ଠାରୁ ତା. ୧୩.୦୪.୨୦୨୩ କାର୍ଯ୍ୟ ଦିବସ ଗୁଡ଼ିକରେ ପ୍ରାପ୍ତ କରିପାରିବେ କିମ୍ବା ଜିଲ୍ଲାପାଳ, ନୂଆପଡ଼ା ୱେବସାଇଟ www.nuapada.nic.in ରୁ ଦେଖିପାରିବେ ଅଥବା କାର୍ଯ୍ୟାଳୟର ନୋଟିସ ବୋର୍ଡ଼ରେ ଝୁଲାଇ ଦିଆଯାଇଥିବା ନିଲାମ ଇସ୍ତାହାରକୁ ପଢ଼ି ବୁଝିପାରିବେ ।

ଉକ୍ତ ଟେଣ୍ଡର ନିମନ୍ତେ ଧାର୍ଯ୍ୟ ଫର୍ମ ମୂଲ୍ୟ (ଅଣ ଫେରସ୍ତ) ପରିଷଦର କ୍ୟାସିୟରଙ୍କ ନିକଟରେ ଡିମାଣ୍ଡ ଡ୍ରାଫ୍ଟ / ବ୍ୟାଙ୍କରସ୍ ଚେକ୍ / ନଗଦ ଦେଇ ତା. ୧୩.୦୪.୨୦୨୩ ରିଖ ଅପରାହ୍ନ ଘ.୧.୦୦ମି. ସମୟ ମଧ୍ୟରେ କ୍ରୟ କରି ପାରିବେ । ଇଚ୍ଛୁକ ଆବେଦନକାରୀ ତାଙ୍କର ନିଜସ୍ୱ ଡାକମୂଲ୍ୟ (ଧାର୍ଯ୍ୟ ହୋଇଥିବା ରାଶି ଠାରୁ ଅଧିକ) ବିହିତ ଫର୍ମରେ ଉଲ୍ଲେଖ କରି ବନ୍ଦ ଲଫାପା ମଧ୍ୟରେ **ରେଜିଷ୍ଟ୍ରି ପୋଷ୍ଟ / ସ୍ପିଡ ପୋଷ୍ଟ** ରେ କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ, ଜିଲ୍ଲା-ନୂଆପଡାଙ୍କ ନାମରେ ତା. ୧୮.୦୪.୨୦୨୩ ରିଖ ଅପରାହ୍ନ ଘ. ୧.୦୦ ମି. ସମୟ ସୁଦ୍ଧା ପଠାଇବେ । ଏହି ସମୟ ସୀମା ପରେ କାହାରି ଫର୍ମ ଗ୍ରହଣ କରାଯିବ ନାହିଁ । ସମସ୍ତ ଡାକ ମୂଲ୍ୟ ଆବେଦନ ବନ୍ଦ ଲଫାପା ଗୁଡ଼ିକ ତା. ୨୦.୦୪.୨୦୨୩ ପୂର୍ବାହ୍ନ ଘ.. ୧୦.୦୦ମି. ସମୟରେ ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ ଆବେଦନକାରୀ ତଥା ତାଙ୍କର କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ଖୋଲାଯାଇ ସର୍ବାଧିକ ଡାକମୂଲ୍ୟ ଆବେଦନକାରୀଙ୍କ ସପକ୍ଷରେ ସମ୍ପୃକ୍ତ ଦୋକାନ ଗୃହକୁ ଆବଣ୍ଟନ କରାଯିବ । ଯେଉଁମାନେ ଟେଣ୍ଡରକୁ ଠିକ୍ ଭାବରେ ଦର୍ଶାଯାଇଥିବା ସର୍ତ୍ତାବଳୀ ଅନୁସାରେ ଦାଖଲ କରିନଥିବେ ତାଙ୍କର ଟେଣ୍ଡରଟି ନାକଚ କରାଯିବ । ଲଫାପା ଉପରେ ଦୋକାନ ଗୃହର ନାମ ସହ କ୍ର. ନଂ. ଉଲ୍ଲେଖ କରିବେ । **କୁରିୟର ଦ୍ୱାରା କୌଣସି ଟେଣ୍ଡର ଗ୍ରହଣ କରାଯିବ ନାହିଁ ।**

ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ କର୍ତ୍ତୃପକ୍ଷ ଚାହିଁଲେ କୌଣସି କାରଣ ନ ଦର୍ଶାଇ ଆବଣ୍ଟନ ପ୍ରକ୍ରିୟାକୁ ରଦ୍ଦ/ନାକଚ କରିପାରିବେ ।

| କ୍ର. ନଂ. | ଗୃହର ବିବରଣୀ | ଦୋକାନ ସଂଖ୍ୟା | ଦରଖାସ୍ତ ଫର୍ମର ମୂଲ୍ୟ | ଧାର୍ଯ୍ୟ ମୂଲ୍ୟ ରାଶି | ମାସିକ ଲାଇସେନ୍ସ |
|---|---|---|---|---|---|
| ୧ | ୱାର୍ଡ ନଂ.୧୪ (ଗୃହ ନଂ. ୧ ଓ ୨) (ଅନୁସୂଚିତ ଜାତି ମାନଙ୍କ ପାଇଁ ଉଦ୍ଦିଷ୍ଟ) ଦୋକାନ ଗୃହର ମାପ- ୧୦' x ୧୨' ଏକ ଗୋଟିକୁ | ୦୨ | ୨୦୦/- | ୨୦,୦୦୦/- | ଟ. ୫୦୦/- |
| ୨ | ୱାର୍ଡ ନଂ.୧୫ (ଗୃହ ନଂ. ୭, ୮, ୯, ୧୦, ୧୪, ୧୬, ୧୭, ୧୯) ଦୋକାନ ଗୃହର ମାପ- ୧୦' x ୧୨' ଏକ ଗୋଟିକୁ | ୯ | ୫୦୦/- | ୩୦,୦୦୦/- | ଟ. ୫୦୦/- |
| ୩ | ୱାର୍ଡ ନଂ.୧୫ (ନୂତନ ଗୃହ ନଂ. ୨, ୩ ଓ ୪) ଦୋକାନ ଗୃହର ମାପ- ୧୦' x ୧୨' ଏକ ଗୋଟିକୁ | ୦୩ | ୫୦୦/- | ୧,୨୦,୦୦୦/- | ଟ. ୭୫୦/- |
| ୪ | ୱାର୍ଡ ନଂ.୧୫ (ମୋଙ୍ଗରାପାଲି ନୂତନ ଗୃହ ନଂ. ୩, ୪ ଓ ୭) ଭାୟାରାମ ସାହୁ ଘର ସାମନା) ଦୋକାନ ଗୃହର ମାପ- ୧୨' x ୧୦' ଏକ ଗୋଟିକୁ | ୦୩ | ୫୦୦/- | ୧,୭୫,୧୨୫/- | ଟ. ୭୫୦/- |
| ୫ | ୱାର୍ଡ ନଂ. ୩, ଆଦିବାସୀ ପଡ଼ା, (ଦୀପକ ଝାଲା ଘର ସାମନା) (ନୂତନ ଗୃହ ନଂ. ୧ ଓ ୨ – ସାଧାରଣ ଜାତି ଓ ୩, ୪ ଓ ୫ – ଅନୁସୂଚିତ ଜନଜାତି) ଦୋକାନ ଗୃହର ମାପ- ୧୦' x ୧୨' ଏକ ଗୋଟିକୁ | ୦୫ | ୫୦୦/- | ୧,୫୦,୦୦୦/- | ଟ. ୭୫୦/- |
| ୬ | ୱାର୍ଡ ନଂ. ୦୯, ନୂତନ ବସଷ୍ଟାଣ୍ଡ (ମାପ- ୧୦' x ୮') (ତଳ ମହଲା ଦୋକାନ ଗୃହ ନଂ. ୩, ୪, ୫, ୬, ଓ ୮) ଓ ଉପର ମହଲା ଦୋକାନ ଗୃହ ନଂ. ୯, ୧୦, ୧୧ ଓ ୧୨) | ୯ | ୫୦୦/- | ୧,୫୦,୦୦୦/- | ଟ. ୭୫୦/- |
| ୭ | ୱାର୍ଡ ନଂ.୯, ବସଷ୍ଟାଣ୍ଡ-ମାପ-୩୦'x୨୦' (ଉପର ମହଲା ଭୋଜନାଳୟ) | ୦୧ | ୫୦୦/- | ୨,୫୦,୦୦୦/- | ଟ. ୨୦୦୦/- |
| ୮ | ୱାର୍ଡ ନଂ.୪ (ବଜାରପଡ଼ା ସ୍ଥିତ ଉପର ମହଲା ଦୋକାନ ଗୃହ ନଂ. ୨) ଏକ ଗୋଟିକୁ | ୦୧ | ୫୦୦/- | ୨,୦୦,୦୦୦/- | ଟ. ୨୦୦୦/- |

କାର୍ଯ୍ୟ ନିର୍ବାହୀ ଅଧିକାରୀ

ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼

(ଅ.ପୃ.ବେ)

Scanned by CamScanner

ପରିପତ୍ର ସଂ. ୪୭୯(୩) / ତାରିଖ : ୨୨.୦୩.୨୦୨୩

ଏହାର ଏକକିତା ନକଲ ଜିଲ୍ଲାପାଳ, ନୂଆପଡ଼ା / ଉପ-ଜିଲ୍ଲାପାଳ, ନୂଆପଡ଼ା / ପ୍ରକଳ୍ପ ନିର୍ଦ୍ଦେଶକ, ଡି.ଆର.ଡି.ଏ. ନୂଆପଡ଼ା / ତହସିଲଦାର, ନୂଆପଡ଼ା / ଜିଲ୍ଲା ଶିକ୍ଷା ଅଧିକାରୀ, ଖରିଆର ରୋଡ଼ / ସହକାରୀ ଯନ୍ତ୍ରୀ, ଜନ ସ୍ୱାସ୍ଥ୍ୟ ବିଭାଗ, ଖରିଆର ରୋଡ଼ / ଏସ୍.ଡି.ଓ., WESCO, ଖରିଆର ରୋଡ଼ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ତାଙ୍କର ବିଜ୍ଞାପନ ଫଳକରେ ଝୁଲାଇବା ପାଇଁ ଅନୁରୋଧ କରାଗଲା ।

ଏହାର ଏକକିତା ନକଲ କାର୍ଯ୍ୟାଳୟର ନୋଟିସ ବୋର୍ଡ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼ ତଥା ସମସ୍ତ ୱାର୍ଡ ଅଫିସରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଝୁଲାଇବା ପାଇଁ ଅନୁରୋଧ କରାଗଲା ।

22/3/23

କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼

ପରିପତ୍ର ସଂ. ୪୮୦ / ତାରିଖ : ୨୨.୦୩.୨୦୨୩ /

ଏହାର ଏକକିତା ନକଲ ଟେଣ୍ଡର କମିଟି, ଖରିଆର ରୋଡ଼ ଙ୍କ ଅବଗତି ଓ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ।

22/3/23

କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼

ପରିପତ୍ର ସଂ. ୪୮୧ / ତାରିଖ : ୨୨.୦୩.୨୦୨୩ /

ଏହାର ଏକକିତା ନକଲ Commissioner-cum-Secretary to Govt., I&PR Deptt. Bhubaneswar ଙ୍କ ନିକଟକୁ ପ୍ରେରଣ କରାଗଲା । ଏକ ଦିନ ନିମନ୍ତେ (୧୨ ସେ.ମି. X ୧୨ ସେ.ମି.) ସ୍ଥାନ ବ୍ୟବହାର କରି [Rule 9 (C) Appendix – IX OPWD Code Volume – II] ଗୋଟିଏ ଦୈନିକ ଖବର କାଗଜ ପତ୍ରିକାରେ ପ୍ରକାଶନ କରିବା ପାଇଁ ଅନୁରୋଧ କରାଗଲା ।

22/3/23

କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼

ପରିପତ୍ର ସଂ. ୪୮୨ / ତାରିଖ : ୨୨.୦୩.୨୦୨୩ /

ଏହାର ଏକକିତା ନକଲ ଜିଲ୍ଲା ଇନଫରମେଟିକ୍ସ ଅଫିସର, ନୂଆପଡ଼ା ଙ୍କ ନିକଟକୁ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ଏହାକୁ ଜିଲ୍ଲା ପୋର୍ଟାଲ (www.nuapada.nic.in) ରେ ଦର୍ଶାଇବେ ।

22/3/23

କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼

Scanned by CamScanner